

ସତ୍ୟ, ଶାନ୍ତି, ଦୟା, କ୍ଷମା, ଧର୍ମ ଆଚରଣ, ସଦାଚାର, ସହିଷ୍ଣୁତା ଆଦି ଗୁଣରେ ଆତ୍ମାକୁ ଭୂଷିତ କର।
- ଶ୍ରୀ ଚୈତନ୍ୟଦେବ



## ସଂକ୍ଷେପରେ

### କାର୍-ବାଇକ୍ ଧକ୍କା, ଜଣେ ଗୁରୁତର

ବୌଦ୍ଧ,୬।୫(ସ୍ୱ.ପ୍ର.)- ବୌଦ୍ଧ ଜିଲା ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥ ଲାଣ୍ଡିବନ୍ଧଠାରେ ସୋମବାର ଏକ କାର ଏବଂ ବାଇକ୍ ମଧ୍ୟରେ ଧକ୍କା ହୋଇଥିଲା। ଏଥିରେ ବାଇକ୍ ଆରୋହୀ ଯୋଗିଭୋଗରା ଗ୍ରାମର ପବିତ୍ର ଭୋକ୍ତା(୨୩) ଗୁରୁତର ଆହତ ହୋଇଛନ୍ତି। ମିଳିଥିବା ସୂଚନା ମୁତାବକ ପବିତ୍ର ଏକ ବାଇକ୍ (ନଂ.ଓଡି୨୭-୨୬୭୩) ଯୋଗେ ଶ୍ୟାମସୁନ୍ଦରପୁର ଗ୍ରାମକୁ ଭୋଜିଖାଇବାକୁ ଆସୁଥିଲେ। ପିପଳକଟା ଛକରେ ପୁରୁଣାକଟକ ପଟୁ ବୌଦ୍ଧ ଆସୁଥିବା ଏକ ଇଣ୍ଡିଗୋ କାର (ନଂ.ଏପି-୦୫ ପିଏନ-୧୧୩୪ ) ସହ ବାଇକ୍ ମଧ୍ୟରେ ଧକ୍କା ହୋଇଥିଲା। ଫଳରେ ପବିତ୍ରଙ୍କ ୨ଟି ଗୋଡରେ ଗୁରୁତର ଆଘାତ ଲାଗିଥିଲା। ଖବର ପାଇ ବୌଦ୍ଧ ଥାନା ଅଧିକାରୀ ତପସ୍ୱିନୀ କହଁର ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ବୌଦ୍ଧ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ପଠାଯାଇଥିବା ଜଣାପଡିଛି। ଏନେଇ ବୌଦ୍ଧ ଥାନା ପୋଲିସ ଏକ ମାମଲା(ନଂ.୧୧୫/୧୯) ରୁଜୁ କରି କାର ଓ ବାଇକ୍ ଜବତ କରି ଘଟଣାର ଅଧିକ ତଦନ୍ତ ଚାଲିଥିବା ଥାନା ଅଧିକାରୀ କହଁର ପ୍ରକାଶ କରିଛନ୍ତି।

### ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ

# ମେଡିସିନ୍ ଷ୍ଟୋରରୁମ୍ ଷ୍ଟଲରେ ଅଗ୍ନିକାଣ୍ଡ

## ■ ପୋଡ଼ିଗଲା ବିପୁଳ ପରିମାଣର ଏକ୍ସପାଏରି ମେଡିସିନ

**ବଲାଙ୍ଗୀର ଅଫିସ, ୬।୫**

ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସପିଟାଲ ପରିସରରେ ଥିବା ସେଣ୍ଟ୍ରାଲ ମେଡିସିନ୍ ଷ୍ଟୋରରୁମ୍ ନିକଟ ଷ୍ଟଲରେ ଅଗ୍ନିକାଣ୍ଡ ଘଟି ବିପୁଳ ପରିମାଣର ଏକ୍ସପାରୀ ମେଡିସିନ୍ ପୋଡିଯାଇଛି । ସୋମବାର ଅପରାହ୍ଣ ପ୍ରାୟ ସାଢ଼େ ୩ଟାରେ ମେଡିସିନ୍ ଷ୍ଟୋରରୁମ୍ ନିକଟରେ ଥିବା ୫ଟି ଷ୍ଟଲରେ ନିଆଁ ଲାଗି ହୁତୁହୁତୁ ଜଳିଥିବା ଦେଖାଯାଇଥିଲା । ଏ ନେଇ ଖବର ପାଇବା ପରେ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ତେବେ କିଭଳି ଭାବେ ନିଆଁ ଲାଗିଥିଲା ତାହା ଜଣାପଡି ନାହିଁ ବୋଲି ଅଗ୍ନିଶମ ଅଧିକାରୀ ଶ୍ୟାମ ସୁନ୍ଦର ସିଂ କହିଛନ୍ତି। ପାଖରେ ଅନେକ ଅନାବନା ଗଛ ଓ ବୁଦା ରହି ସେହି ସ୍ଥାନଟି ପରିତ୍ୟକ୍ତ ହୋଇପଡିଛି । ଏହି ନିଆଁ ଲାଗିଥିବା ଷ୍ଟଲରେ ଏକ୍ସପାରୀ ମେଡିସିନ୍ ଥିଲା ବୋଲି କୁହାଯାଉଛି ।



ହସ୍ପିଟାଲ ମେଡିସିନ୍ ଷ୍ଟୋରରୁମ୍ ନିକଟ ଷ୍ଟଲ୍‌ରେ ଲାଗିଥିବା ନିଆଁ ।

ତେବେ ସେଠାରେ ହସପିଟାଲର କୌଣସି ଅଧିକାରୀ ନଥିବାରୁ ବାସ୍ତବରେ ସେଠାରେ କିଭଳିପ୍ରକାର ମେଡିସିନ୍ ରହିଥିଲା ତାହା ସ୍ପଷ୍ଟ ହୋଇନାହିଁ ବୋଲି ସେ ସୂଚନା ଦେଇଥିଲେ। ଏନେଇ ହସପିଟାଲ ସୁପରିଣ୍ଟେଣ୍ଡେଣ୍ଟ ନାରାୟଣ ଆଚାର୍ଯ୍ୟଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାଙ୍କ ମୋବାଇଲ ଫୋନ୍ ନେଟୱର୍କ ଏରିଆ ବାହାରେ ଥିବାରୁ ମତାମତ ମିଳିପାରିନାହିଁ। ଘଟଣା ସମ୍ପର୍କରେ ହସପିଟାଲ ମ୍ୟାନେଜର ସୁଦୀପ ଦତ୍ତଙ୍କୁ ଫୋନ୍ କରାଯାଇଥିଲା। ରିଙ୍ଗ ହେବା ସତ୍ତ୍ୱେ ସେ ଫୋନ୍ ରିସିଭ କରି ନ ଥିଲେ। ରୋଗୀମାନଙ୍କୁ ମାଗଣାରେ ସାଲାଇନ୍ ପାଇପ ଓ ସାଲାଇନ୍ ଯୋଗାଇ ଦେବାକୁ ସରକାର ବ୍ୟବସ୍ଥା କରୁଥିବାବେଳେ ଅନେକ ସମୟରେ ରୋଗୀମାନେ ବାହାରୁ କିଣୁଥିବା ଦେଖାଯାଉଛି । ଏପରିସ୍ଥଳେ ଏଠି ଏତେ ପରିମାଣର ସାଲାଇନ୍ ପାଇପ କିଭଳି ଏକ୍ସପାରୀ ହେଲା ଓ ଏଥିରେ କିଭଳି ନିଆଁ ଲାଗିଲା ତାକୁ ସେଇ ନାନା ସନ୍ଦେହ ଦେଖାଦେଇଛି । ଏନେଇ ତଦନ୍ତ କରାଗଲେ ଘଟଣାର ସତ୍ୟାସତ୍ୟ ଲୋକଲୋଚନକୁ ଆସିବ ବୋଲି ସାଧାରଣରେ ଆଲୋଚନା ହେଉଛି ।

# ୨୯ ଜେନେରେଟର ଭୁବନେଶ୍ୱର ପଠାଗଲା

**ସମ୍ବଲପୁର, ୬।୫ (ବ୍ୟୁରୋ)**

ଉପକୂଳ ସଡ଼ିଶାରେ ବାତ୍ୟା ଫନୀ ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ସରକାର ଉଦ୍ଧାର କାର୍ଯ୍ୟ ସହ ବିଜୁଳି ଓ ପାଣି ଯୋଗାଇ ଦେବାକୁ ଦିନରାତି ଉଦ୍ୟମ କରୁଛନ୍ତି। ସମ୍ବଲପୁର ଜିଲା ପ୍ରଶାସନ ଏଥିପାଇଁ ସହଯୋଗର ହାତ ବଢାଇଛି। ପ୍ରଶାସନ ପକ୍ଷରୁ ସୋମବାର ୨୯ଟି ଜେନେରେଟର ଭୁବନେଶ୍ୱ ପଠାଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟରୁ ଟ୍ରକ୍ ଯୋଗେ ଏସବୁ ପଠା ଯାଇଛି । ତେବେ ମହାନଦୀ କୋଇଲା କମ୍ପାନୀ (ଏମସିଏଲ) ସର୍ବାଧିକ ୧୧ଟି ଜେନେରେଟର ଦେଇଛି। ସେହିପରି କେତୋଟି ଘରୋଇ ସଂସ୍ଥା, ବ୍ଲକ୍, ତହସିଲରେ ଲାଗିଥିବା ଜେନେରେଟର ଗୁଡିକ ଖୋଲି ପଠାଇ ଦିଆଯାଇଛି । ଭୁବନେଶ୍ୱରରେ ଏବେ ବିଜୁଳି ଓ ପାଣି ମୁଖ୍ୟ ସମସ୍ୟା ରହିଛି । ତେଣୁ ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ସଂଯୋଗ କରିବା ଓ ପାଣି ଯୋଗାଣରେ ସହଯୋଗ କରିବା ପାଇଁ ଏହି ଜେନେରେଟର ବ୍ୟବହାର କରାଯିବ। ସମ୍ବଲପୁର ଜିଲାକୁ କେବଳ ଜେନେରେଟର ଯୋଗାଇ ଦେବା ପାଇଁ ନିର୍ଦ୍ଦେଶ ରହିଥିଲା ବୋଲି ଡିଆରଡିଏ ପିଡି ସୁକାନ୍ତ ତ୍ରିପାଠି କହିଛନ୍ତି ।

# ଗଳିତ ମୃତଦେହ ଉଦ୍ଧାର

**ବାଲିଶଙ୍କରା,୬।୫(ଡି.ଏନ୍.ଏ.)**

ତଳସରା ଥାନା ତଳସରା ପଞ୍ଚାୟତ ଅନ୍ତର୍ଗତ ସଉନାପଡ଼ା ଛଟେନ ଜଙ୍ଗଲରୁ ପୋଲିସ ଜଣେ ବ୍ୟକ୍ତିଙ୍କ ଗଳିତ ମୃତଦେହ ଉଦ୍ଧାର କରିଛି। ମୃତଦେହଟି କିଞ୍ଜିରକେଲା ଥାନା ଧୁବେନଦାଣ୍ଡ ଗ୍ରାମର ବୃଷବ ପ୍ରଧାନ (୫୫)ଙ୍କର ବୋଲି ପୋଲିସ ସୂଚନା ଦେଇଛି। ବୃଷବ ଗତ ୯ ଦିନ ହେଲା ଘରୁ ପଳାଇ ଯାଇଥିଲେ। ପରିବାର ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କୁ ପାଇ ନ ଥିଲେ। ତାଙ୍କର ମାନସିକ ବିକୃତି ଥିବା ପରିବାର ଲୋକେ ସୂଚନା ଦେଇଛନ୍ତି। ସୋମବାର ପୋଲିସ ତାଙ୍କ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ସୁନ୍ଦରଗଡ଼ ଡାକ୍ତରଖାନା ପଠାଇଛି।

### ଶୁଭମ୍ ମେମୋରିଆଲ ସର୍କଲ କ୍ରିକେଟ ଟୁର୍ନାମେଣ୍ଟ

# କେ.ଭି.କୁ ହରାଇ ରାଉରକେଲା ଚାମ୍ପିୟନ

**ଦେବଗଡ, ୬।୫ (ସ୍ୱ.ପ୍ର.)**

ଦେବଗଡ ରାଜା ବାସୁଦେବ ହାଇସ୍କୁଲ ଖେଳ ପଡିଆରେ ଆୟୋଜକ ଦେବଗଡ କ୍ରିକେଟ କ୍ଲବ ତରଫରୁ ଦ୍ୱିତୀୟ ଶୁଭମ୍ ମେମୋରିଆଲ ସର୍କଲ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦଯାପିତ ହୋଇଯାଇଛି । ଏଥିରେ ୧୬ଟି ଟିମ ଅଂଶଗ୍ରହଣ କରିଥିବାବେଳେ ଫାଇନାଲ ମ୍ୟାଚ କେ.ଭି. କ୍ରିକେଟ ଦଳ ଏବଂ ମାରୁତି କ୍ରିକେଟ କ୍ଲବ ରାଉରକେଲା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଟସ୍ ଜିତି ରାଉରକେଲା କ୍ରିକେଟ କ୍ଲବ ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା । କେ.ଭି କ୍ରିକେଟ ଦଳ ବ୍ୟାଟିଂ ଆରମ୍ଭ କରି ୮ଓଭରରେ ୬ ଉଇକେଟରେ ୬୩ ରନ କରିଥିଲା। ଜବାବରେ ରାଉରକେଲା ଦଳ ୫.୪ଓଭରରେ ୧ ଉଇକେଟରେ ୬୪ ରନ୍ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ମ୍ୟାଚଗୁଡିକୁ ବିକାଶ ନାୟକ, ଦୁଷ୍ମନ୍ତ ସାହୁ ପରିଚାଳନା କରିଥିଲେ। ବେଣୁଧର ଗଡନାୟକ ଧାରା ବିବରଣୀ ଏବଂ ବଣ୍ଟି ମହାରଣା ସ୍କୋରର ଦାୟିତ୍ୱ ତୁଲାଇଥିଲେ । କ୍ଲବ ସଭାପତି ସତ୍ୟମ ଝାଙ୍କର ଓ ସମ୍ପାଦକ ସୁମନ ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉଦ୍‌ଯାପନୀ ସଭାରେ ନିମନ୍ତ୍ରିତ ଅତିଥିଭାବେ ଏସଡିସିସି ବ୍ୟାଙ୍କ ସଭାପତି ଅମରେନ୍ଦ୍ର ଗଙ୍ଗଦେବ, ଆଦିବାସୀ ନେତା ସେମ୍ ହେମ୍ବ୍ରମ, ପ୍ରଦୀପ ମହାପାତ୍ର, ସୁଶାନ୍ତ ନନ୍ଦ, ସୁଧିର ବ୍ରହ୍ମା ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଚାମ୍ପିୟନ ମାରୁତି କ୍ରିକେଟ କ୍ଲବ ରାଉରକେଲାକୁ ୧୬୦୦୦ ଟଙ୍କା ଏବଂ ରନର୍ସ ଅପ୍ କେ.ଭି କ୍ରିକେଟ ଦଳକୁ ୧୧୦୦୦ ନଗଦ ଟଙ୍କା ଏବଂ ଟ୍ରଫି ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ମ୍ୟାନ ଅଫ ଦି ଟୁର୍ନାମେଣ୍ଟ ରିତେଶ, ମ୍ୟାନ ଅଫ ଦି ମ୍ୟାଚ ମୃତ୍ୟୁଞ୍ଜୟ, ଶ୍ରେଷ୍ଠ ଶୃଙ୍ଖଳିତ ଦଳ ୮ ଷ୍ଟାର ଦେବଗଡ, ବେଷ୍ଟ ବୋଲର ସୁନିଲ ନାୟକ, ବେଷ୍ଟ ବ୍ୟାଟସମ୍ୟାନଭାବେ ରିତେଶ ବିବେଚିତ ହୋଇଥିଲେ। ଟୁର୍ନାମେଣ୍ଟ ଆୟୋଜନରେ ଆୟୋଜକ ଦେବଗଡ କ୍ରିକେଟ କ୍ଲବର ଶ୍ରୀତମ ଝାଙ୍କର, ସନ୍ତୋଷ ସେନାପତି, ପପୁନ ସାହୁ, ପ୍ରକାଶ ସାହୁ ପ୍ରମୁଖ ସହଯୋଗ କରିଥିଲେ।



ଅତିଥିମାନଙ୍କ ସହ ଚାମ୍ପିୟନ ରାଉରକେଲା ଦଳର ଖେଳାଳିମାନେ।

### ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର

**ସମ୍ବଲପୁର, ୬।୫ (ବ୍ୟୁରୋ)**

ସହଯୋଗନଗରସ୍ଥିତ ସାଇଶିକ୍ଷା ପରିଷଦରେ ସୋମବାର ଗ୍ରୀଷ୍ମକାଳୀନ ଯୋଗ, ସମ୍ବଲପୁରୀ, ଆଧୁନିକ, ଓଡିଶୀ ନୃତ୍ୟ, ସଂଗୀତ, ବାଦ୍ୟ, ମାର୍ଶାଲ୍ ଆର୍ଟ ଆଦି ଶିବିର ଉଦ୍‌ଘାଟିତ ହୋଇଛି । ନୃତ୍ୟ ଗୁରୁ ଅସିମ କୁମାର ପ୍ରଧାନ କାର୍ଯ୍ରକ୍ରମର ଶୁଭାରମ୍ଭ କରିଥିଲେ । ସଂଗୀତଜ୍ଞ ଶଙ୍କରପ୍ରସାଦ ପ୍ରଧାନ, ନାଟ୍ୟକାର ରାମଶିଷ ତ୍ରିପାଠୀ, ରାଧାମାଧବ ବହିଦାର, ପ୍ରୀତି ରୈନା, ତନୁଶ୍ରୀ ଧର, ଦେବାଶିଷ ପାଢ଼ୀ, ମନିସ ଦୁବେ, ତ୍ରିଲୋଚନ ତ୍ରିପାଠୀ ପ୍ରଶିକ୍ଷାର୍ଥୀଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି । ଅଞ୍ଜଳୀ ପାତ୍ର, ସୁଜିତ ପ୍ରଧାନ, ସୁନନ୍ଦା ଛତ୍ରିଆ, ଆକାଶ ପାତ୍ର ଶିବିର ପରିଚାଳନାରେ ସହଯୋଗ କରିଥିଲେ । ଚଳିତ ମାସ ଶେଷ ସପ୍ତାହରେ ପ୍ରଶିକ୍ଷାର୍ଥୀମାନଙ୍କୁ ନେଇ ଦୁଇ ଦିନିଆ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ ।

### ଗୁରୁ ଭେଟି ମହୋତ୍ସବ ପ୍ରସ୍ତୁତି ବୈଠକ

**ସମ୍ବଲପୁର, ୬।୫ (ବ୍ୟୁରୋ)**

ସମ୍ବଲପୁର ଟ୍ରାଇବାଲ ଆଣ୍ଡ ଫୋକ୍ସ ଆର୍ଟ ସେଣ୍ଟର ପକ୍ଷରୁ ଗୁରୁ ଭେଟି ମହୋତ୍ସବ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ନୃତ୍ୟ ଗୁରୁ ଆଲୋକ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଥିଲା । ସାଂସ୍କୃତିକ ସଂଗଠକ ରାଜେନ୍ଦ୍ର କୁମାର ପଣ୍ଡା, ପ୍ରଭଞ୍ଜନ ବଳ, ଅରୁଣ ତରିଆ ଯୋଗଦେଇ ଗୁରୁ ଭେଟି ମହୋତ୍ସବ ପ୍ରସ୍ତୁତି ବିଷୟରେ ଆଲୋଚନା କରିଥିଲେ । ଆସନ୍ତା ଜୁନ ପ୍ରଥମ ସପ୍ତାହରେ କାର୍ଯ୍ୟକ୍ରମ କରାଯିବାକୁ ସ୍ଥିର କରାଯାଇଛି।

# ନନ୍ଦପଡ଼ା ଶୀତଳ ଷଷ୍ଠୀ ଯାତ୍ରା କମିଟି ଗଠିତ

**ସମ୍ବଲପୁର, ୬।୫ (ବ୍ୟୁରୋ)**

ସମ୍ବଲପୁରର ସର୍ବ ପୁରାତନ ନନ୍ଦପଡା ଶୀତଳ ଷଷ୍ଠୀ ଯାତ୍ରା କମିଟିର ନୂତନ କମିଟି ଗଠିତ ହୋଇଛି । ବାଲୁଙ୍କେଶ୍ୱର ମନ୍ଦିର ପ୍ରାଙ୍ଗଣରେ କମିଟିର ବରିଷ୍ଠ ସଦସ୍ୟ ନିଗମାନନ୍ଦ ମିଶ୍ରଙ୍କର ଅଧ୍ୟକ୍ଷତାରେ ବୈଠକ ବସିଥିଲା । ଏଥିରେ ଯାତ୍ରାର ପୂର୍ଣ୍ଣାଙ୍ଗ କମିଟି ଗଠିତ ହୋଇଛି । ସଭାପତି ଭାବେ ସମୀର ରଞ୍ଜନ ବାବୁ, ଉପ ସଭାପତି ସୁନୀଲ ତ୍ରିପାଠୀ, ବିଷ୍ଣୁ ପ୍ରସାଦ ପାଢ଼ୀ, ସାଧାରଣ ସମ୍ପାଦକ ସୁଶ୍ରୀତ ମିଶ୍ର, ଯୁଗ୍ମ ସମ୍ପାଦକ ପ୍ରଭୁଦତ୍ତ ପଣ୍ଡା ଓ ବାଲଗୋପାଳ ନନ୍ଦ, କୋଷାଧ୍ୟକ୍ଷ ଭାବେ ଭୁବନ ମୋହନ ମିଶ୍ର ଓ ପ୍ରଶାନ୍ତ ବରେଇଙ୍କୁ ନିଯୁକ୍ତ କରାଯାଇଛି । ସେହିଭଳି ଗଣମାଧ୍ୟମ ସମ୍ପର୍କ ପ୍ରତିନିଧି ଭାବେ ମାନସ ରଥ ଓ ବିରାଜ ମିଶ୍ର, ଖାଦ୍ୟ ଉପ ସମିତିରେ ସନ୍ତୋଷ ମିଶ୍ର, ଆଶିଷ ବରେଇ, ଦିଲ୍ଲୀପ ମିଶ୍ର, ଶାନ୍ତନୁ ମିଶ୍ର ଓ କେଶବ କୁମାର ମିଶ୍ର, ବିଜ୍ଞାପନ ଓ ପ୍ରାଯୋଜକ କମିଟିରେ ସୌମ୍ୟରଞ୍ଜନ ମିଶ୍ର, ରିଙ୍କୁ ମିଶ୍ର ଓ ନିରଞ୍ଜନ ମିଶ୍ର, ଯାତ୍ରା ପରିଚାଳନା କମିଟିରେ ପ୍ରଫୁଲ୍ଲ ହୋତା, ସରୋଜ ଦାଶ, ଅମିତ ମିଶ୍ର, ରାହୁଲ ବାବୁ, ଫାଲଗୁନୀ ବାରିକ, ଦିନେଶ ବଡପଣ୍ଡା, ନିହାର ମିଶ୍ର ଓ ସନତ ନନ୍ଦ ରହିଛନ୍ତି।

ସାଂସ୍କୃତିକ ସମିତିରେ ସରୋଜ ଦାସ, ସୁମନ ସାଗର ମିଶ୍ର, ଧବଳେଶ୍ୱର ହୋତା ଓ ଲାଲ ଗୋପାଲ ନନ୍ଦ, କଳାକାର ରହଣୀ ବ୍ୟବସ୍ଥା ଦାୟିତ୍ୱରେ ସବ୍ୟସାଚୀ ମିଶ୍ର, ଅମିତ ମିଶ୍ର, ଫାଲଗୁନୀ ବାରିକ, ବିଟୁ ନାୟକ, ଶିବ ବାଗ, ଶୁଭ୍ରାଂଶୁ ବଡପଣ୍ଡା ଓ ବିଚିତ୍ରାନନ୍ଦ ମିଶ୍ର ରହିଛନ୍ତି । ଉପଦେଷ୍ଟା ମଣ୍ଡଳୀରେ ଡ. ଶଶାଙ୍କ ଶେଖର ନନ୍ଦ, ପ୍ରଫୁଲ୍ଲ ହୋତା, ନିଗମାନନ୍ଦ ମିଶ୍ର, ବେଣୁଧର ଦାଶ, ସୁରେଶ୍ୱର ମିଶ୍ର, ଜୟନାରାୟଣ ମିଶ୍ର, ସନ୍ତୋଷ ମିଶ୍ର, ଚକ୍ରଧର ମିଶ୍ର, ହରିହର ଗୁରୁ, ସୁଧାଂଶୁ ଶେଖର ମିଶ୍ର, ଅମୂଲ୍ୟ ମିଶ୍ର, ଅମର ପୂଜାରୀ, ସୁବାଶ ମିଶ୍ର, ସୁରେନ୍ଦ୍ର ପଣ୍ଡା ଓ ଶିବ ମିଶ୍ର ରହିଛନ୍ତି । ବୈଠକ ଶେଷରେ ସୁଶ୍ରିତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ନାବାଳିକାଙ୍କ ଅଶ୍ଲୀଳ ଫଟୋ ଭାଇରାଲ

**ସମ୍ବଲପୁର, ୬।୫ (ବ୍ୟୁରୋ)**

ସମ୍ବଲପୁର ଜିଲା ଧନୁପାଲି ଅଞ୍ଚଳର ଜଣେ ନାବାଳିକାଙ୍କ ଫଟୋ ଭାଇରାଲ କରିବା ଅଭିଯୋଗରେ ଜଣେ ନାବାଳକଙ୍କୁ ପୋଲିସ ହେପାଜତକୁ ନେଇଛି । ଅଭିଯୁକ୍ତ ମଧ୍ୟ ମୋତିଝରନ ଅଞ୍ଚଳର ଜଣେ ନାବାଳକ। ପୋଲିସ ନାବାଳକ ଅଭିଯୁକ୍ତଙ୍କୁ ଜୁଭେନାଲ ଜଷ୍ଟିସ ବୋର୍ଡରେ ହାଜର କରିଛି । ଏହି ନାବାଳକ ଅଭିଯୁକ୍ତ ଜଣକ ସମ୍ପୃକ୍ତ ନାବାଳିକାଙ୍କୁ ଏକ ତରଫା ପ୍ରେମ କରୁଥିଲେ। ନାବାଳିକାଙ୍କ ଏକ ଫଟୋକୁ ଏଡିଟ୍ କରି ଅଶ୍ଳୀଳ ଫଟୋ ପ୍ରସ୍ତୁତ କରିଥିଲେ । ପ୍ରେମ ନ କଲେ ଫଟୋକୁ ଭାଇରାଲ କରିଦେବେ ବୋଲି ଧମକ ଦେଇଥିଲେ । ଶେଷରେ ପ୍ରସ୍ତୁତ କରିଥିବା ଅଶ୍ଳୀଳ ଫଟୋକୁ ଫେସବୁକରେ ଭାଇରାଲ କରିଦେଇଥିଲେ।

# ଆଜି ଶୀତଳଷଷ୍ଠୀ ପାଇଁ ଥାଳ ଉଠିବ

## ■ ଜିଲାପାଳଙ୍କୁ ଭେଟିଲା କ୍ରିୟାନୁଷ୍ଠାନ କମିଟି

**ସମ୍ବଲପୁର, ୬।୫ (ବ୍ୟୁରୋ)**

ସମ୍ବଲପୁରର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇ ଗଲାଣି। ସମ୍ବଲପୁରବାସୀଙ୍କ ସଂସ୍କୃତି ତଥା ଭାବାବେଗ ସହ ଏହି ଶୀତଳଷ୍ଠୀ ପରମ୍ପରା ଜଡିତ। ଶୀତଳଷ୍ଠୀ ଯାତ୍ରା ସମୟ ଆସିଗଲେ ଯାତ୍ରା କମିଟି ତତ୍ପର ହୋଇ ଉଠେ। ସାଧାରଣ ଲୋକଙ୍କ ଭିତରେ ଶୈବ ଉପାସନାର ଭାବ ଜାଗି ଉଠେ। ମଙ୍ଗଳବାର ଅକ୍ଷୟ ତୃତୀୟା ତିଥିରେ ଶୀତଳ ଷଷ୍ଠୀ ଯାତ୍ରା ପାଇଁ ଥାଳ ଉଠା କାର୍ଯ୍ୟକ୍ରମ ରହିଛି। ଜିଲାପାଳ ଶୁଭମ ସକ୍ସେନାଙ୍କୁ ସୋମବାର ଶୀତଳଷଷ୍ଠୀ କ୍ରିୟାନୁଷ୍ଠାନ କମିଟି ଭେଟିଛି। ସହରର ସର୍ବ ପୁରାତନ ଯାତ୍ରା କମିଟି ନନ୍ଦପଡା, ଝାଡୁଆପଡା ଓ ମୁଦିପଡାକୁ ନେଇ ଗଠିତ ହୋଇଥିବା ମିଳିତ କ୍ରିୟାନୁଷ୍ଠାନ କମିଟିର ପ୍ରତିନିଧି ଦଳ ଜିଲାପାଳଙ୍କୁ ସାକ୍ଷାତ କରି ଯାତ୍ରା ଲାଗି ସହଯୋଗ ଲୋଡିଛନ୍ତି । ଏଥିସହ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ଦିଆଯାଇଛି। ଯାତ୍ରା ଲାଗି ଆସୁଥିବା ଅନୁଦାନ, ବିଭିନ୍ନ ଶିଳ୍ପସଂସ୍ଥାଗୁଡିକର ସହଯୋଗ ତଥା ଅନୁଦାନ, ମିନା ବଜାର ଲାଗି ପଡିଆ ପ୍ରଦାନ, ଯାତ୍ରା ପୂର୍ବରୁ ସହରକୁ ସଫା ସୁତୁରା କରିବା, ରିଂ-ରୋଡ ଓ ମହାନଦୀ ଘାଟ ଗୁଡିକ ସଫାସୁତୁରା ସହ ନାଳ ନର୍ଦ୍ଦମା ସଫା କରିବା, ଯାତ୍ରା ପରିକ୍ରମା କରୁଥିବା ରାସ୍ତା ଗୁଡିକୁ ଜବରଦଖଲ ମୁକ୍ତ ଓ ମରାମତି କରିବା ବିଷୟରେ ପ୍ରତିନିଧି ଦଳ ଜିଲାପାଳଙ୍କ ସହ ଆଲୋଚନା କରିଥିଲେ। କମିଟି କାର୍ଯ୍ୟକାରୀ ସଭାପତି ଅମୂଲ୍ୟ ମିଶ୍ର, ସଭାପତି ଈଶ୍ୱର ପ୍ରସାଦ ନନ୍ଦ, ଫଣିଭୂଷଣ ମିଶ୍ର, ସୁଶାନ୍ତ ପୁରୋହିତ, ସରୋଜ ଦଲପତ, ସମୀର ରଞ୍ଜନ ବାବୁ, ଲକ୍ଷ୍ମୀ ନାରାୟଣ ପଟେଲ, ସୁନୀଲ ଦାଶ, ହିମାଂଶୁ ପାଣିଗ୍ରାହୀ, ସୁଶ୍ରିତ ମିଶ୍ର, ବିରାଜ ମିଶ୍ର, ବାଲଗୋପାଳ ନନ୍ଦ ଓ ମିଲୁ ପାଣିଗ୍ରାହୀ ପ୍ରମୁଖ ଏହି ପ୍ରତିନିଧି ଦଳରେ ସାମିଲ ଥିଲେ।

# 'କୁମ୍ଭାରପଡ଼ାକୁ ମୌଳିକ ସୁବିଧା ଦିଅ'

**ରାଉରକେଲା ଅଫିସ,୬।୫**

ରାଉରକେଲା ମହାନଗର ନିଗମର ୱାର୍ଡ ନଂ-୧୬ କୁମ୍ଭାର ପଡା ବସ୍ତି ବାସିନ୍ଦାଙ୍କୁ ମୌଳିକ ସୁବିଧା ଯୋଗାଇବାରେ କର୍ତ୍ତୃପକ୍ଷ ଫେଲ୍ ମାରିଛନ୍ତି। ଏ ନେଇ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ପଦକ୍ଷେପ ନିଆଯାଇ ନ ଥିବା ଅଭିଯୋଗ ହୋଇଛି। ବସ୍ତିରେ ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ବର୍ଜ୍ୟ ଜଳ ରାସ୍ତାରେ ଭାସୁଛି। ଲୋକେ ଏହା ଉପର ଦେଇ ଯାତାୟତ କରିବାକୁ ବାଧ ହେଉଥିବା ପ୍ରକାଶ କରିଛନ୍ତି। ଏହା ଦ୍ୱାରା କଂକ୍ରିଟ ରାସ୍ତା ମଧ୍ୟ ନଷ୍ଟ ହେବାରେ ଲାଗିଛି। ବସ୍ତି ମଧ୍ୟରେ ଅସ୍ୱାସ୍ଥ୍ୟକର ଅବସ୍ଥା ସୃଷ୍ଟି ହେଉଛି। ଏହି କାରଣରୁ ଅନେକ ସମୟରେ ଦୁର୍ଘଟଣା ଘଟୁଥିବା ବସ୍ତି ବାସିନ୍ଦା ଅଭିଯୋଗ କରିଛନ୍ତି। ବସ୍ତିର ଦକ୍ଷିଣ ପାର୍ଶ୍ୱରୁ ଏକ ନାଳ ନିର୍ମାଣ କରାଯାଇ ବସ୍ତି ଶେଷ ମୁଣ୍ଡରେ ଛାଡି ଦିଆଯାଇଛି। ଏଉଁ କାରଣରୁ ଉପର ମୁଣ୍ଡରେ ପାଣି ଜମି ରହୁଛି। ଏହି ବର୍ଜ୍ୟ ଜଳ ରାସ୍ତାକୁ ମାଡୁଛି। ବର୍ଷ ଭରି ବସ୍ତିର କଂକ୍ରିଟ ରାସ୍ତାରେ ପାଣି ଭାସୁଥିଲେ ବି ଏଥିପ୍ରତି କାହାର ନିଘା ନାହିଁ। ଏମିତି ଅବସ୍ଥାରେ ବସ୍ତିରେ ଷ୍ଟ୍ରିଟ ଲାଇଟ ବ୍ୟବସ୍ଥା କରା ନ ଯିବା ପରିସ୍ଥିତିକୁ ଦ୍ୱିଗୁଣିତ କରିଛି। ଅନ୍ଧାରରେ ଏହି ବର୍ଜ୍ୟ ଜଳରେ ପଶି ଅନେକ ଯାତାୟତ କରୁଛନ୍ତି। ଏ ନେଇ ପୂର୍ବତନ ଜିଲା କଂଗ୍ରେସ ସଭାପତି ବୀରେନ ସେନାପତି ଖବର ପାଇବା ପରେ ବସ୍ତି ବାସିନ୍ଦାଙ୍କ ସମସ୍ୟା ଦୂର କରିବାକୁ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ମହାନଗର କମିଶନରଙ୍କ ଅନୁପସ୍ଥିତିରେ ଏକ ପ୍ରତିନିଧି ମଣ୍ଡଳୀ ସେନାପତିଙ୍କ ନେତୃତ୍ୱରେ ନିର୍ବାହୀ ଯନ୍ତ୍ରୀ ଇଂ ନରେଶ ପରିଡାଙ୍କୁ ଭେଟି ସମସ୍ୟା ଦୂର କରିବାକୁ ଦାବି କରିଛନ୍ତି। ଏହି ଆଲୋଚନା ସମୟରେ କଂଗ୍ରେସ ନେତା ରତିକାନ୍ତ ମଲ୍ଲିକ, ସୁଧୀର ନାଥ, ଜଗର ବାଡାଇକ, ସାବିତ୍ରୀ ତିର୍କୀ, ମୋନିକା ମାନା, ଶାନ୍ତି ମାଝି ଓ ଇନ୍ଦ୍ରାଣୀ ଗୋପ ପ୍ରମୁଖ ଉପସ୍ଥିତ ଥିଲେ।



କୁମ୍ଭାରପଡ଼ାରେ ମୌଳିକ ସୁବିଧା ସୁଯୋଗ ପ୍ରଦାନ କରିବା ଦାବି ନେଇ ସୋମବାର ପ୍ରତିନିଧି ମଣ୍ଡଳୀ ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଛନ୍ତି।


**ବିକ୍ରେତା ସମ୍ମିଳନୀ ସ୍ଥଗିତ**

ରେଳ ଅଡିଟୋରିୟମ୍, ଭୁବନେଶ୍ୱର ଠାରେ 7 ମଇ, 2019ରେ ନିର୍ଦ୍ଧାରିତ ବିକ୍ରେତା ସମ୍ମିଳନୀ ଅପରିହାର୍ଯ୍ୟ ପରିସ୍ଥିତି କାରଣ ବଶତଃ ପୁନଃ ଆଦେଶ ମିଳିବା ପର୍ଯ୍ୟନ୍ତ ସ୍ଥଗିତ କରି ଦିଆଯାଇଛି । ସମ୍ମିଳନୀ ପାଇଁ ନୂତନ ତାରିଖର ସୂଚନା ଯଥାଶୀଘ୍ର ଦିଆଯିବ ।

ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ
ଭୁବନେଶ୍ୱର

ପୂର୍ବ ତଟ ରେଳପଥ
PR-64/K/19-20

**ମିକ୍ସଡ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ/ ଖୋର୍ଦ୍ଧା ରୋଡ୍‌ରେ ଚୁକ୍ତି ଭିତ୍ତିରେ ଶିକ୍ଷକମାନଙ୍କ ନିଯୁକ୍ତି ନିମନ୍ତେ ୱାକ୍-ଇନ୍-ଇଣ୍ଟରଭ୍ୟୁ**

ନିଯୁକ୍ତି ବିଜ୍ଞାପନ ସଂଖ୍ୟା.ECoR/Pers/01/Engagement/Contract Teacher ତା.24.04.2019ରିଖ

ମିଶ୍ରିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଖୋର୍ଦ୍ଧା ରୋଡ୍‌ରେ ନିମ୍ନ ବର୍ଣ୍ଣିତ ଅନୁଯାୟୀ ବିଭିନ୍ନ ବିଷୟରେ ଚୁକ୍ତି ଭିତ୍ତିରେ ଶିକ୍ଷକମାନଙ୍କ ନିଯୁକ୍ତି ନିମନ୍ତେ ଭାରତୀୟ ନାଗରିକମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି । ଯୋଗ୍ୟତା, ବୟସସୀମା ଏବଂ ଅନ୍ୟ ନିୟମ ଏବଂ ସର୍ତ୍ତାବଳୀ ପୂରଣ କରୁଥିବା ଯୋଗ୍ୟ ପ୍ରାର୍ଥୀମାନେ ସମସ୍ତ ମୂଳ ପ୍ରାସଙ୍ଗିକ ପ୍ରମାଣପତ୍ର ଏବଂ ସ୍ୱ-ସତ୍ୟାପିତ ହୋଇଥିବା ପ୍ରତ୍ୟେକ ନକଲ ସହିତ ପ୍ରଦତ୍ତ ଫର୍ମାଟ୍‌ରେ ବିଧିବଦ୍ଧ ଭାବେ ପୂରଣ ହୋଇଥିବା ଦରଖାସ୍ତ ସହିତ ସାକ୍ଷାତକାର ନିମନ୍ତେ ବୋର୍ଡ ନିକଟରେ ଉପସ୍ଥିତ ହୋଇପାରିବେ ।

**ପଦବୀଗୁଡ଼ିକର ନାମ :** ସ୍ନାତକୋତ୍ତର ଶିକ୍ଷକ, କ୍ର.ସଂ. 1 - ବିଷୟ : ରାଜନୀତି ବିଜ୍ଞାନ, ପଦବୀ ସଂଖ୍ୟା : 01-ଅଣସଂରକ୍ଷିତ, କ୍ର.ସଂ. 2 - ବିଷୟ : ହିନ୍ଦୀ, ପଦବୀ ସଂଖ୍ୟା : 01-ଅଣସଂରକ୍ଷିତ, କ୍ର.ସଂ. 3 - ବିଷୟ : ତେଲୁଗୁ, ପଦବୀ ସଂଖ୍ୟା : 01-ଅନୁସୂଚିତ ଜାତି ।

**ପଦବୀଗୁଡ଼ିକର ନାମ :** ପ୍ରଶିକ୍ଷିତ ସ୍ନାତକ ଶିକ୍ଷକ (ଓଡ଼ିଆ ମାଧ୍ୟମ), କ୍ର.ସଂ. 4 - ବିଷୟ : ଗଣିତ, ପଦବୀ ସଂଖ୍ୟା : 01-ଅଣସଂରକ୍ଷିତ, କ୍ର.ସଂ. 5 - ବିଷୟ : ଶାରୀରିକ ବିଜ୍ଞାନ, ପଦବୀ ସଂଖ୍ୟା : 01-ଅଣସଂରକ୍ଷିତ, କ୍ର.ସଂ. 6 - ବିଷୟ : ସଂସ୍କୃତ, ପଦବୀ ସଂଖ୍ୟା : 01-ଅଣସଂରକ୍ଷିତ ।

**ପଦବୀଗୁଡ଼ିକର ନାମ :** ପ୍ରଶିକ୍ଷିତ ସ୍ନାତକ ଶିକ୍ଷକ (ଇଂରାଜୀ ମାଧ୍ୟମ), କ୍ର.ସଂ. 7 - ବିଷୟ : ଗଣିତ, ପଦବୀ ସଂଖ୍ୟା : 01-ଅଣସଂରକ୍ଷିତ, କ୍ର.ସଂ. 8 - ବିଷୟ : ଶାରୀରିକ ବିଜ୍ଞାନ, ପଦବୀ ସଂଖ୍ୟା : 01-ଅନୁସୂଚିତ ଜନଜାତି, କ୍ର.ସଂ. 9 - ବିଷୟ : ଇଂରାଜୀ, ପଦବୀ ସଂଖ୍ୟା : 01-ଅଣସଂରକ୍ଷିତ, କ୍ର.ସଂ. 10 - ବିଷୟ : ସଂସ୍କୃତ, ପଦବୀ ସଂଖ୍ୟା : 01-ଅଣସଂରକ୍ଷିତ ।

ପାରିଶ୍ରମିକ (କ୍ର.ସଂ. 1-3 ନିମନ୍ତେ) : ₹27,500/- ଏବଂ (କ୍ର.ସଂ. 4-10 ନିମନ୍ତେ) : ₹26,250/- ।

ବୟସ (କ୍ର.ସଂ. 1-10 ନିମନ୍ତେ) : ତା.24.04.2019ରିଖ ସୁଦ୍ଧା 18-65 ବର୍ଷ ।

ଚୁକ୍ତି ଅବଧି : ଚୁକ୍ତି ଭିତ୍ତିରେ ଶିକ୍ଷକମାନଙ୍କ ନିଯୁକ୍ତି ଅବଧି 07 ଦିନରୁ କମ୍ ଏବଂ 200 କାର୍ଯ୍ୟ ଦିବସରୁ ଅଧିକ ହେବ ନାହିଁ କିମ୍ବା ସିଧାସଳଖ ଭାବେ ନିଯୁକ୍ତି କିମ୍ବା ବିଭାଗୀୟ ପଦୋନ୍ନତି/ବଦଳି / RRB ଦ୍ୱାରା ଚୟନ ମାଧ୍ୟମରେ ଖାଲି ପଦବୀ ପୂରଣ ହେବା ଯାଏ, ଉଭୟ ମଧ୍ୟରୁ ଯେଉଁଟା ପ୍ରଥମେ ହେବ ।

| "ୱାକ୍-ଇନ୍ ଇଣ୍ଟରଭ୍ୟୁ" ସ୍ଥାନ | ତାରିଖ, ରିପୋର୍ଟ କରିବା ସମୟ ଏବଂ ଇଣ୍ଟରଭ୍ୟୁ ସମୟ |
|---|---|
| ମିଶ୍ରିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଖୋର୍ଦ୍ଧା ରୋଡ୍, ଜଟଣୀ | ତା.28.05.2019ରିଖ / 0930 ଘଣ୍ଟିକାରୁ 1100 ଘଣ୍ଟିକା ପର୍ଯ୍ୟନ୍ତ / 1000 ଘଣ୍ଟିକା ଠାରୁ ଆରମ୍ଭ |

ବିଦ୍ର : ଦରଖାସ୍ତ ଫର୍ମାଟ୍, ଶିକ୍ଷାଗତ ଯୋଗ୍ୟତା ଓ ଅନ୍ୟାନ୍ୟ ସମ୍ପୂର୍ଣ୍ଣ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ଦୟାକରି ୱେବ୍‌ସାଇଟ୍ http://www.eastcoastrail.indianrailways.gov.in ଅବଲୋକନ କରନ୍ତୁ ।

ପ୍ରମୁଖ ମୁଖ୍ୟ କାର୍ମିକ ଅଧିକାରୀ

ପୂର୍ବ ତଟ ରେଳପଥ
PR-59/K/19-20



“ପିତା, ମାତା ଓ ଗୁରୁଜନମାନଙ୍କୁ ଭକ୍ତି କରୁଥିବା ଲୋକଙ୍କୁ ଈଶ୍ୱର ଆଶୀର୍ବାଦ କରନ୍ତି।

-ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ



# ଜିଲାପାଳଙ୍କୁ ଭେଟିଲେ ଚାଷୀ ପ୍ରତିନିଧି

**ବରଗଡ଼ ଅଫିସ୍,୬।୫**

ବରଗଡ଼ ଜିଲା ଅତାବିରା ନିୟନ୍ତ୍ରିତ ବଜାର କମିଟି ଅଧୀନ ରେଶମ ବଜାର ଅବ୍ୟବସ୍ଥା ମଧ୍ୟରେ ରହିଛି । ଦୀର୍ଘ ଦିନ ହେଲା ବଜାରଟି ବିଭିନ୍ନ ସମସ୍ୟା ମଧ୍ୟରେ ରହିଥିବା ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉ ନାହିଁ । ଏହାକୁ ନେଇ ସ୍ଥାନୀୟ ଚାଷୀମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଏହି ପରିପ୍ରେକ୍ଷୀରେ ସୋମବାର ରେଶମ ଅଞ୍ଚଳର ଏକ ଚାଷୀ ପ୍ରତିନିଧି ଦଳ ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଫେରାଦ ହୋଇଥିଲେ। ଜିଲାପାଳ ତ୍ରିପାଠୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରି ବଜାରରେ ରହିଥିବା ଅବ୍ୟବସ୍ଥାର ପ୍ରତିକାର ପାଇଁ ପ୍ରତିନିଧି ଦଳ ନିବେଦନ କରିଛନ୍ତି ।

ପ୍ରକାଶ ଯେ, ବଜାରରେ ରହିଥିବା ଫଡ୍ ଅବ୍ୟବସ୍ଥିତ ଭାବେ ରହିଛି । ଫଳରେ ଉଇ ଖାଇ ବସ୍ତାଗୁଡ଼ିକ ନଷ୍ଟ ହୋଇଯାଉଛି। ସେହିପରି ଜଳ ନିଷ୍କାସନ ବ୍ୟବସ୍ଥା ନ ଥିବା ଯୋଗୁ ସାମାନ୍ୟ ବର୍ଷା ହେଲେ ବଜାର ପରିସରରେ ପାଣି ଜମି ରହୁଛି। ବଜାର ପରିସର ପାଚେରି ଅନେକ ସ୍ଥାନରେ ଭାଙ୍ଗିପଡ଼ୁଛି। ଆବଶ୍ୟକ ଭାବେ ତାରପୋଲିନ ନ ଥିବା ଯୋଗୁ ଧାନ ସଂଗ୍ରହ ସମୟରେ ଚାଷୀଙ୍କୁ ବର୍ଷାରୁ ସେମାନଙ୍କ ଧାନ ସୁରକ୍ଷିତ ରଖିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ସେହିପରି ବଜାରରେ ଆଲୋକ ବ୍ୟବସ୍ଥା ନ ଥିବା ଯୋଗୁ ସେଠାରେ ସଂଗୃହୀତ ଧାନ ସୁରକ୍ଷା ନେଇ ମଧ୍ୟ ଆଶଙ୍କା ପ୍ରକାଶ ପାଇଛି। ଏହା ସହିତ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନ ଥିବା ଯୋଗୁ ବଜାର ପରିଚାଳନାରେ ବାଧା ଉପୁଜିବା ସହିତ ଚାଷୀଙ୍କୁ ହଟହଟା ହେବାକୁ ପଡୁଛି। ଫଳରେ ଉପରୋକ୍ତ ସମସ୍ୟାଗୁଡ଼ିକର କରିଛନ୍ତି । ସରପଞ୍ଚ ସଂଖ୍ୟାକାରୀ ଖମାରୀ, ସମିତିସଭ୍ୟ ନରେନ୍ଦ୍ର ଭୋଇ, କୁଳମଣି ଭୋଇ, ସୁରେନ୍ଦ୍ର ପ୍ରଧାନ, ସାହେବ ପ୍ରଧାନ ପ୍ରମୁଖ ସ୍ମାରକପତ୍ର ପ୍ରଦାନ କରିବାକୁ ଆସିଥିଲେ ।



ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀ ପ୍ରତିନିଧିବୃନ୍ଦ ।

**ଅବ୍ୟବସ୍ଥାରେ ରେଶମ ବଜାର**
- ତୁରନ୍ତ ପ୍ରତିକାର ଦାବି
- ଆବଶ୍ୟକ ସଂଖ୍ୟକ କର୍ମଚାରୀ ନାହାନ୍ତି
- ଜଳ ନିଷ୍କାସନ ନ ହୋଇ ବଜାରରେ ଜମିରହୁଛି ପାଣି

## ସଂକ୍ଷେପରେ



### ନାବାଳିକା ଛାତ୍ରୀଙ୍କୁ ଅସଦାଚରଣ, ସ୍କୁଲ କମିଟି ସଭାପତି ଗିରଫ

ବରଗଡ଼ ଅଫିସ୍,୬।୫-
ବରଗଡ଼ ସହର ଉପକଣ୍ଠ ଏକ ସରକାରୀ ସ୍କୁଲର ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ ସ୍କୁଲର ଗ୍ରାମ୍ୟ ଶିକ୍ଷା କମିଟି ସଭାପତି ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ନାବାଳିକାଙ୍କ ପରିବାର ଲୋକେ ଏ ନେଇ ଟାଉନ ଥାନାରେ ଏତଲା ଦେଇଛନ୍ତି। ପୋଲିସ ଅଭିଯୋଗକୁ ଭିତ୍ତି କରି ଦଫା ୩୪୧, ୩୫୪, ୩୫୪(ଏ), ୮/୧୦ ପକ୍‌ସୋ ଆକ୍ଟରେ ଏକ ମାମଲା ରୁଜୁ କରିଛି। ପୋଲିସ ତଦନ୍ତ ପରେ ଗ୍ରାମ୍ୟ ଶିକ୍ଷା କମିଟି ସଭାପତି ବାବୁଲାଲ ପଟ୍ଟନାୟକଙ୍କୁ ଗିରଫ କରିଛି । ସୋମବାର ତାଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବରଗଡ଼ ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି ।

ପ୍ରକାଶ ଯେ, ଗତ ୪ତାରିଖ ନାବାଳିକା ଛାତ୍ରୀ ଜଣକ ଦୋକାନକୁ ଯାଉଥିଲେ। ସେତିକିବେଳେ ସଭାପତି ବାବୁଲାଲ ତାଙ୍କୁ ଅଟକାଇଥିଲେ। ପରେ ନାବାଳିକାଙ୍କୁ ଅସଦାଚରଣ କରିଥିଲେ । ସେହିପରି ପୂର୍ବରୁ ମଧ ବାବୁଲାଲ ନାବାଳିକାଙ୍କୁ ଅସଦାଚରଣ କରି ଫଟୋ ଉଠାଇଥିବା ଅଭିଯୋଗ ହୋଇଛି । ଘଟଣାଟି ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି ।

### ବରଗଡ଼ରୁ କଟକ ଗଲା ରିଲିଫ୍ ସାମଗ୍ରୀ

ବରଗଡ଼ ଅଫିସ୍,୬।୫-
ବାତ୍ୟା ଫନୀ ଯୋଗୁ ପ୍ରଭାବିତ ଲୋକଙ୍କୁ ବରଗଡ଼ ଜିଲା ପ୍ରଶାସନ ସହଯୋଗର ହାତ ବଢ଼ାଇଛି । ଏହି କ୍ରମରେ ସୋମବାର ବରଗଡ଼ରୁ କଟକକୁ ରିଲିଫ ସାମଗ୍ରୀ ପଠାଯାଇଛି । ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଏକ ଟ୍ରକ ଯୋଗେ ରିଲିଫ ସାମଗ୍ରୀ ବାବଦକୁ ୨୦୦ ରୋଲ ପଲିଥିନ କଟକକୁ ପଠାଯାଇଥିଲା । ଏହା ପଠାଇବା ବେଳେ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ କେନ୍ଦ୍ରର ପ୍ରୋଗ୍ରାମ ମ୍ୟାନେଜର ରାକେଶ କୁମାର ନାୟକ ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ ।

### ଫାଇଟର୍ସ ଗ୍ରୁପର ପ୍ରସ୍ତୁତି ବୈଠକ

ବରଗଡ଼ ଅଫିସ୍,୬।୫-
ଆସନ୍ତା ଜୁନ ୨ତାରିଖ କ୍ୟାନସର ସର୍ଭାଇଭର ଦିବସ ପାଳନ ପାଇଁ ବରଗଡ଼ ଫାଇଟର୍ସ ଗ୍ରୁପ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସ୍ୱାସ୍ଥ୍ୟ ସଚେତନତା ଉପରେ କାର୍ଯ୍ୟ କରୁଥିବା ଭୁବନେଶ୍ୱରର ଅଗ୍ରଣୀ ସଂସ୍ଥା ଉମିଦୋଁ ଏବଂ ଫାଇଟର୍ସ ଗ୍ରୁପର ମିଳିତ ଆନୁକୂଲ୍ୟରେ ଏହା ପାଳନ କରିବା ପାଇଁ ନିଷ୍ପତ୍ତି ହୋଇଥିଲା । ସେହିପରି କ୍ୟାନସର ଉପରେ ଏକ କର୍ମଶାଳାର ଆୟୋଜନ କରାଯିବ ଏବଂ ସେଥିରେ କ୍ୟାନସର ତଥା ଅନ୍ୟ ବିଭାଗର ବିଶେଷଜ୍ଞ ଡାକ୍ତର ଉପସ୍ଥିତ ରହିବେ ବୋଲି ସୂଚନା ଦିଆଯାଇଥିଲା । ବୈଠକରେ ଫାଇଟର୍ସ ଗ୍ରୁପର କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ମିଶ୍ର, ସମ୍ପାଦକ ବିଜନକାନ୍ତି ମିଶ୍ର, ପ୍ରତିଷ୍ଠାତା ସଭ୍ୟ ଅଶ୍ୱିନୀ ଦର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ।

### ବରିଷ୍ଠ ନାଗରିକ ସଂଘ ବୈଠକ

ଜାମଟିକ୍ରା,୬।୫(ଡି.ଏନ.ଏ)-
ଅତାବିରା ଏନ୍‌ଏସି ଅଧୀନ ବାବା ମଠରେ ଅତାବିରା ବରିଷ୍ଠ ନାଗରିକ ସଂଘର ମାସିକ ବୈଠକ ସଭାପତି ବେଣୁଧର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସମ୍ପାଦକ ଦଶରଥ ବାଗ ସଂଘ ପକ୍ଷରୁ ନିଆ ଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇଥିଲେ। ଗତ ବର୍ଷର ଆୟ୍ ବ୍ୟୟ୍ ଅନୁଷ୍ଠାନ ସମୀକ୍ଷକ ବୀରେନ୍ଦ୍ର ମିଶ୍ର ଏବଂ ପାନିବୁଡି ପଧାନଙ୍କ ଦ୍ୱାରା ସମୀକ୍ଷା କରାଯାଇଥିଲା । ଅତାବିରା ସହରର ରାସ୍ତାଘାଟ ନିର୍ମାଣ, ପରିଚ୍ଛନ୍ନତା ଏବଂ ରାସ୍ତା ଉପରେ ଉଠା ଦୋକାନୀଙ୍କ ଅବାଧ ଜବରଦଖଲ ଯୋଗୁ ଜନସାଧାରଣ ତଥା ଯାନବାହନ ଯିବା ଆସିବାରେ ଅସୁବିଧା ହେଉଥିବା ନେଇ ଆଲୋଚନା କରାଯାଇଥିଲା। ଏପରି କି ଅଞ୍ଚଳରେ ଦୁର୍ଘଟଣା ଘଟୁଥିଲେ ମଧ ପ୍ରଶାସନ ପକ୍ଷରୁ ସ୍ଥାୟୀ ପ୍ରତିକାର କରାଯାଉ ନ ଥିବା ନେଇ ଅଭିଯୋଗ କରାଯାଇଥିଲା। ଗୋଡଭଗା ନାଗରିକ କମିଟି ସଭାପତି ହାରାଧନ ବାରିକଙ୍କ ସହ ୧୧ଜଣ ବରିଷ୍ଠ ନାଗରିକ ବିଧିବଦ୍ଧ ଭାବେ ଅତାବିରା ବରିଷ୍ଠ ନାଗରିକ ସଂଘରେ ସାମିଲ ହୋଇଥିଲେ।

# ଆରଏସପି ସିଇଓଙ୍କୁ ଭେଟିଲେ ସିଆଇଟିୟୁ ପ୍ରତିନିଧି

**ରାଉରକେଲା ଅଫିସ,୬।୫**

ସିଆଇଟିୟୁ ସର୍ବ ଭାରତୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ରାଉରକେଲା ଇସ୍ପାତ କାରଖାନା ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦୀପକ ଚଟ୍ଟରାଜଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ସେଲ ଓ ଆରଏସପି ଲାଭାର୍ଜନ ଦିଗରେ ଆଗକୁ ବଢୁଥିବା ବେଳେ କର୍ମଚାରୀ ସମସ୍ୟା ଜଟିଳ ହେଉଛି ବୋଲି ଏଥିରେ କୁହାଯାଇଥିଲା। ନୂଆ ସିଇଓ ଚଟ୍ଟରାଜଙ୍କ କାର୍ଯ୍ୟକାଳ ମଧ୍ୟରେ କାରଖାନା ଦ୍ରୁତ ଉନ୍ନତି କରିବ ବୋଲି ମହାନ୍ତି ଆଶା ବ୍ୟକ୍ତ କରିଥିଲେ। ଏନେଇ ସିଆଇଟିୟୁର ସହଯୋଗ ଅବ୍ୟାହତ ରହିବ। ପେନସନ ପାଇଁ ୬ ପ୍ରତିଶତ ସ୍ୱାକ୍ଷରିତ ହେବା ସତ୍ତ୍ୱେ କର୍ତ୍ତୃପକ୍ଷ ୨ ପ୍ରତିଶତ ପାଇଁ ସର୍କୁଲାର ଜାରି କରିବା ଏନଜେସିଏସର ଦ୍ୱିପାକ୍ଷିକ ଆଲୋଚନାକୁ ବ୍ୟାହତ କରିବ ବୋଲି ମହାନ୍ତି ଚଟ୍ଟରାଜଙ୍କୁ ଅବଗତ କରାଇ ଥିଲେ। ଏପରି ଅବସ୍ଥାରେ ଶ୍ରମିକ ଭ୍ରମିତ ହେବେ ବୋଲି ସେ କହିଥିଲେ। ସାମଗ୍ରିକ ଲାଭାର୍ଜନ ସତ୍ତ୍ୱେ ଶ୍ରମିକଙ୍କୁ ରିୱାର୍ଡ ବୋନସ ପ୍ରଦାନ କରାଯାଉ ନ ଥିବାରୁ ମହାନ୍ତି ଉଦ୍‌ବେଗ ପ୍ରକାଶ କରିଥିଲେ। ଘରଭଡା ବୃଦ୍ଧିକୁ କମ କରିବା, ଆଇଜିଏଚରେ ଆବଶ୍ୟକ ପଡୁଥିବା ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଦେବା, କାରଖାନାର ଉତ୍ପାଦନ ଓ ସୁରକ୍ଷା ବ୍ୟବସ୍ଥା ପ୍ରତି ଦୃଷ୍ଟି ଦେବା ଓ ଠିକା ଶ୍ରମିକଙ୍କୁ ସର୍ବନିମ୍ନ ମଜୁରି ପ୍ରଦାନ ଆଦି ଆଲୋଚନାରେ ସ୍ଥାନ ପାଇଥିଲା। ଏଥିରେ ବସନ୍ତ ନାୟକ, ବିମାନ ମାଇତି, ସୁରେନ୍ଦ୍ର ମହାନ୍ତି, ପିସି ପ୍ରଧାନ, ଏନସି ପାତ୍ର, ସଂଜୟ ନାୟକ ଓ ସୁଦର୍ଶନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ୧୦ରେ ଖଗେଶ୍ୱର ସେଠ ଜୟନ୍ତୀ

**ବିଜେପୁର, ୬।୫ (ଡି.ଏନ.ଏ.)**

ବରଗଡ଼ ଜିଲା ବିଜେପୁର ବ୍ଲକ ପଡ଼ାଗ୍ରାମରେ ସାହିତ୍ୟପ୍ରାଣ ଖଗେଶ୍ୱର ସେଠ୍‌ଙ୍କ ୧୧୪ତମ ଜୟନ୍ତୀ ସମାରୋହ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନାଟ୍ୟକାର ମୋହନ ସିଂଙ୍କ ଅଧ୍ୟକ୍ଷତାରେ କ୍ରାନ୍ତିକବି ହରିଲାଲ ସାହୁ, ଅଧ୍ୟାପକ ସୁଶାନ୍ତ କୁମାର ମିଶ୍ର, ହୃଦମଣି ସାହୁ, ଦୁର୍ବାଦଳ ମେହେର, ସଚ୍ଚିଦାନନ୍ଦ ପଧାନ, ଈଶ୍ୱର ମେହେର, ରାଜେଶ୍ୱର ବେହେରା ପ୍ରମୁଖ ଯୋଗଦେଇଥିଲେ। ଜୟନ୍ତୀ ସଭାକୁ ଆକର୍ଷଣୀୟ କରିବା ସହ ଉକ୍ତ କାର୍ଯ୍ୟକ୍ରମ ଆଗାମୀ ୧୦ ତାରିଖ ସନ୍ଧ୍ୟା ୫ଟାରେ ପାଳନ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି । ଏଥିରେ ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୱାନ ମୁଖ୍ୟଅତିଥି, ବିଜେପୁର ତହସିଲଦାର ପଦ୍ମନାଭ ସାମନ୍ତରାୟ ସମ୍ମାନିତ ଅତିଥି, ନାଟ୍ୟ ଗବେଷକ ତଥା ଅବସରପ୍ରାପ୍ତ ଇଂଲିଶ ପ୍ରାଧ୍ୟାପକ କେଶରଞ୍ଜନ ପ୍ରଧାନ ମୁଖ୍ୟବକ୍ତା, ସମ୍ବଲପୁରୀ ସାହିତ୍ୟ ସମାଲୋଚକ ଉତ୍ପନ୍ନ କୁମାର ଭୋଇ, ଗ୍ରନ୍ଥକାର ଅଧ୍ୟାପକ କିଶୋର ମେହେର ଆଲୋଚକ ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଖଗେଶ୍ୱର ସାହିତ୍ୟର ପ୍ରଚାରପ୍ରସାର ଦିଗରେ ଜୀବନ ବ୍ୟାପୀ ସାଧନା ପାଇଁ ତାଳପଦର ଗ୍ରାମର ଗୁଣସାଗର ସାହୁଙ୍କୁ ଚଳିତ ବର୍ଷ ଖଗେଶ୍ୱର ସାହିତ୍ୟ ସମ୍ମାନ-୧୯ରେ ସମ୍ବର୍ଦ୍ଧିତ କରାଯିବାକୁ ସ୍ଥିର ହୋଇଛି। ଦ୍ୱିତୀୟ ଅଧିବେଶନରେ ନିମନ୍ତ୍ରିତ କବିମାନଙ୍କୁ ନେଇ କବିତା ଆସର ଅନୁଷ୍ଠିତ ହେବ। ଦଳୀପ କୁମାର ଦେବତା ସଭା ପରିଚାଳନା କରିଥିଲେ। ଯୁବକବି ଦେବାଶିଷ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

# ଟୋକିଓରେ ଏନ୍‌ଆଇଟି ଅଧ୍ୟାପକ ପ୍ରଶଂସିତ

**ରାଉରକେଲା ଅଫିସ,୬।୫**

ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ(ଏନଆଇଟି) ରାଉରକେଲାର କମ୍ପ୍ୟୁଟର ସାଇନ୍ସ ଓ ଇଂଜିନିୟରିଂ ବିଭାଗ ପ୍ରଫେସର ଅନୁପ ନନ୍ଦୀ ବାର୍ଦ୍ଧକ୍ୟ ପ୍ରକ୍ରିୟା ନେଇ ଅନୁସନ୍ଧାନ କରି ଜାପାନର ଟୋକିଓରେ ପ୍ରଶଂସିତ ହୋଇଛନ୍ତି। ଟୋକିଓ ୟୁନିର୍ଭସିଟି ଅଫ ଏଗ୍ରିକଲଚର ଏଣ୍ଡ ଟେକନୋଲୋଜି ଜାପାନ ଓ ଭାରତ ସରକାରଙ୍କ ସାଇନ୍ସ ଓ ଟେକନୋଲୋଜି ବିଭାଗ ସହାୟତାରେ ପ୍ରଫେସର ନନ୍ଦୀ ଏହି ଗବେଷଣା କରିଥିଲେ। ବୃଦ୍ଧାବସ୍ଥାରେ ଚାଲିଚଳନରେ ଆସୁଥିବା ପରିବର୍ତ୍ତନକୁ ନେଇ ସେ ଏହି ଗବେଷଣା କରିଥିଲେ।



ଜାପାନ୍‌ର ଟୋକିଓରେ ଏନ୍‌ଆଇଟି ପ୍ରଫେସର ଅନୁପ ନନ୍ଦୀ ଅନ୍ୟମାନଙ୍କ ସହ।

# ଯାଦବ ସମାଜର ବ୍ଲକସ୍ତରୀୟ ମହାସଭା

**ନୂଆଗାଁ,୬।୫(ଡି.ଏନ୍.ଏ.)**

ମଣିଷ ଏକ ସାମାଜିକ ପ୍ରାଣୀ । ସମାଜର ନୀତି ନିୟମ, ସଂସ୍କୃତି ଓ ପରମ୍ପରାକୁ ପାଳନ କରି ଶୃଙ୍ଖଳିତ ଭାବରେ ବସବାସ କରିବା ସହ ପୂର୍ବ ପିଢ଼ିକୁ ମନେ ପକାଇ ଆଗାମୀ ଦିନରେ ନିଜ ଜାତି ଓ ସମାଜରେ ଏକ ସୁସ୍ଥ ବାତାବରଣ ଗଠନ କରିପାରିଲେ ନିଜ ସମାଜ ସୁଦୃଢ଼ ହୋଇପାରିବ ବୋଲି ରବିବାର ସୁନ୍ଦରଗଡ ଜିଲା ନୂଆଗାଁ ବ୍ଲକ ସାତଗୁଆରି ଗ୍ରାମରେ ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ଶାଖାର ବ୍ଲକସ୍ତରୀୟ ମହାସଭାରେ ଯୋଗଦେଇ ସମାଜର ବରିଷ୍ଠ କର୍ମକର୍ତ୍ତାମାନେ ମତବ୍ୟକ୍ତ କରିଥିଲେ। ଜିଲା ଯାଦବ ମହାସଭା ସଂଗଠନର ଆବାହକ ମନୋଜ ଗୌଡ଼ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ମହାସଭାରେ ମୁଖ୍ୟଅତିଥି ଭାବରେ ଭାଗୀରଥି ଅହିର, ମୁଖ୍ୟବକ୍ତା ଭାବରେ ମହାଦେବ ଗୌଡ଼ ଯୋଗଦେଇଥିଲେ। କରଡେଗା ଗ୍ରାମର ଯାଦବ ସମାଜର ପୂର୍ଣ୍ଣ ହଂସ ଏଥିରେ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ଯାଦବ ସମାଜର ଇଷ୍ଟ ଦେବତା ଶ୍ରୀକୃଷ୍ଣଙ୍କ ପୂଜାର୍ଚ୍ଚନା ପରେ ବୈଠକ ଆରମ୍ଭ ହୋଇଥିଲା। ପରିବର୍ତ୍ତନଶୀଳ ସମାଜ ସହ ଯାଦବ ସମାଜ ମଧ୍ୟ ତାଳ ଦେଇ ଆଗକୁ ବଢ଼ିବା ପାଇଁ ପ୍ରୟାସ ଜାରି ରଖିଛି। ଏଥିପାଇଁ ଯାଦବ ସମାଜର ନୀତି ନିୟମକୁ ପାଳନ କରିବା ସହ ସମାଜ ଭିତରେ ତିଆରି ହେଉଥିବା ନୀତି ନିୟମକୁ ସମସ୍ତେ କଡ଼ାକଡ଼ି ପାଳନ କରିବାକୁ ସମସ୍ତଙ୍କୁ ଆହ୍ୱାନ କରାଯାଇଥିଲା। ଶେଷରେ ନୂଆଗାଁ ବ୍ଲକସ୍ତରୀୟ କମିଟି ଗଠନ କରାଯାଇଥିଲା । ଏଥିରେ ସଭାପତିଭାବରେ ମନୋଜ ସା, ଉପସଭାପତି ଭାବରେ ଦିଲାବର ହଂସ, ପୂର୍ଣ୍ଣଚନ୍ଦ୍ର ହଂସ, ସମ୍ପାଦକ ଭାବରେ ଗୌରୀ ମହାକୁଡ଼, ସହସମ୍ପାଦକ ରାଜେଶ ଗୌଡ଼, କୋଷାଧ୍ୟକ୍ଷ ଭାବରେ ମଧୁସୂଦନ ଦିଗୱାର ଓ ପୂଜା ଗୌଡ଼ଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଥିଲା।

### ଅବସରପ୍ରାପ୍ତ ଶିକ୍ଷକଙ୍କ ବିୟୋଗ

ସମ୍ବଲପୁର, ୬।୫ (ବ୍ୟୁରୋ)
ସମ୍ବଲପୁର ମିର୍ଗମୁଣ୍ଡାର ଅବସରପ୍ରାପ୍ତ ଶିକ୍ଷକ ଅର୍ଜୁନ ପୁରୋହିତଙ୍କ ୬୮ ବର୍ଷ ବୟସରେ ସୋମବାର ବିୟୋଗ ହୋଇଛି। ସମ୍ବଲପୁର ରାଜଘାଟରେ ପୁଅ ବିକାଶ ପୁରୋହିତ ମୁଖାଗ୍ନି ଦେଇଥିଲେ। ସେ ମାନେଶ୍ୱର ହାଇସ୍କୁଲରେ ସେ ୩୦ ବର୍ଷ ଧରି ଶିକ୍ଷାଦାନ କରିଥିଲେ।

# ରାଜୀବଙ୍କୁ ପ୍ରଥମ ଏସୀୟ କରାଟେ କୋଚ ମାନ୍ୟତା

**ରାଉରକେଲା ଅଫିସ,୬। ୫**

ମାଲେସିଆର କୋଟା କିନାବ୍ଲୁରେ ଏପ୍ରିଲ ୨୨ରୁ ୨୯ ଯାଏ ଏସିଆନ କରାଟେ ଫେଡେରେସନ(ଏସକେଏଫ) ପକ୍ଷରୁ ଆୟୋଜିତ ୧୮ତମ ଏସୀୟ କରାଟେ ଜୁନିୟର ଏବଂ ୨୧ବର୍ଷରୁ କମ କରାଟେ ଚମ୍ପିୟନସିପ ଅବସରରେ ଏସୀୟ କରାଟେ କୋଚ ପରୀକ୍ଷା ଆୟୋଜନ କରାଯାଇଥିଲା। ଏଥିରେ ଏସିଆ ମହାଦେଶ ଅନ୍ତର୍ଭୁକ୍ତ ଦେଶ ଗୁଡିକର ଜାତୀୟ କରାଟେ ଚୋଚମାନେ ପରୀକ୍ଷାରେ ଭାଗ ନେଇଥିଲେ। ଓଡ଼ିଶା ରାଜ୍ୟ କରାଟେ ଆସୋସିଏସନ(ଓସ୍କା), କରାଟେ ଆସୋସିଏସନ ଅଫ ଇଣ୍ଡିଆ(କାଇ) ପକ୍ଷରୁ ମନୋନୀତ ହୋଇ ରାଉରକେଲାର ଜଣା ଶୁଣା ଜାତୀୟ ଓ ଅନ୍ତର୍ଜାତୀୟ ପଦକପ୍ରାପ୍ତ କୋଚ ରାଜୀବ ସିଂ ଏଥିରେ ଯୋଗ ଦେଇଥିଲେ। ସେଠାରେ ଆୟୋଜିତ ସେମିନାରରେ ଭାଗ ନେବା ସହ ଆୟୋଜିତ କୋଚ ପରୀକ୍ଷାର ସେ ସମ୍ମୁଖୀନ ହୋଇଥିଲେ। ଏଥିରେ ସେ ସଫଳତା ପାଇବା ସହ ରାଜ୍ୟର ପ୍ରଥମ ଏସୀୟ କରାଟେ କୋଚ ହେବାର ଗୌରବ ଅର୍ଜନ କରିଛନ୍ତି। ଏହି ଅବସରରେ ରାଜୀବ ନିଜ ଗୁରୁ ଡଃ ହରିପ୍ରସାଦ ପଟ୍ଟନାୟକଙ୍କୁ ସମସ୍ତ ଶ୍ରେୟ ପ୍ରଦାନ କରିଛନ୍ତି। ଆମ ରାଜ୍ୟର ଖେଳାଳି କିପରି ଅନ୍ତର୍ଜାତୀୟ କ୍ଷେତ୍ରରେ ସୁନାମ ଆଣିବେ ସେନେଇ ତାଙ୍କ ପ୍ରଚେଷ୍ଟା ଅବ୍ୟାହତ ରହିବ ବୋଲି କହିଛନ୍ତି ରାଜୀବ। କାଇ ଉପସଭାପତି ହାନସି ଭରତ ଶର୍ମା, ବୈଷୟିକ ନିର୍ଦ୍ଦେଶକ ସିହାନ ହରିପ୍ରସାଦ ପଟ୍ଟନାୟକ, ଗୌରୀ ମହାନ୍ତି, ସନ୍ଦୀପ ମହାନ୍ତି, ଖାରବେଳ ମଲ୍ଲିକଙ୍କ ସମେତ ସଂଗଠନର ରାଉରକେଲା ସଭାପତି ସାରଦା ନାୟକ, ଶୈଳେନ୍ଦ୍ର ମହାନ୍ତି , ଅକ୍ଷୟ ଭୂୟାଁ ଓ ଶ୍ରୀବତ୍ସ କୁଅଁର ପ୍ରମୁଖ ଅଭିନନ୍ଦନ ଜ୍ଞାପନ କରିଛନ୍ତି।



ରାଜୀବ ସିଂଙ୍କୁ ପ୍ରଥମ ଏସୀୟ କରାଟେ କୋଚ୍ ମାନ୍ୟତା ଦିଆଯାଉଛି।

## ସେଲ୍ଫି କର୍ଣ୍ଣର



@ ପ୍ରେମ



@ ରିଙ୍କି



@ ସରୋଜ



@ ସୁମନ୍



@ ରଞ୍ଜିତ

**ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ**
smbselfie@gmail.com
(ମନୋନୀତ ସେଲ୍ଫି ପ୍ରକାଶ ପାଇବ)

